## ପୌର ପରିଷଦ ପକ୍ଷରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



**ନୟାଗଡ଼,୧।୧(ସମିସ)**: ନୟାଗଡ଼ ପୌର ପରିଷଦ ପକ୍ଷରୁ ଗୁରୁବାର ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନବବର୍ଷ ଅବସରରେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନାଙ୍କ ସମେତ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ପୌର ପରିଷଦ ଅଧ୍ୟକ୍ଷା ସାମ୍ବାଦିକମାନେ କଷ୍ଟକରି କାର୍ଯ୍ୟ କରୁଥିବାବେଳେ ସରକାର ଅଣଦେଖା କରୁଥିବା ଏବଂ ସାମ୍ବାଦିକ ସଂଘର ବିଭିନ୍ନ ଦାବି ଉପରେ ସରକାର ବିଚାରବିମର୍ଷ କରିବା ଆବଶ୍ୟକ ବୋଲି ମତ ରଖିଥିଲେ। ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ, ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସମ୍ପାଦକ ଅନୀଲ କୁମାର ପଣ୍ଡା, ରଜତ ପଟ୍ଟନାୟକ, ରାମକୃଷ୍ଣ ରଥ, ନବକିଶୋର ମିଶ୍ର, ଜଯେନ୍ଦ୍ର ବେହେରା, ସନ୍ଦୀପ ଲେଙ୍କାଙ୍କ ସମେତ ବହୁ ଜିଲ୍ଲା ପ୍ରତିନିଧି ସାମିଲ ହୋଇଥିଲେ।

## ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଗଣିଆ,୧।୧(ସମିସ)**: ଗଣିଆ ବ୍ଲକ୍ ଡଙ୍କାରିସାହି ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ଦ୍ୱାରା ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ଶରତ କୁମାର କର, ଗଣିଆ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ସିଆର୍‌ସିସି ସୁଶାନ୍ତ କୁମାର ରଣା, ପୂର୍ବତନ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅଧାରୁ ଅଧିକ ଚାଷୀଙ୍କୁ ଆସିନି ଟୋକନ ମେସେଜ୍

**ନୟାଗଡ଼,୧।୧(ସମିସ)**: ନୟାଗଡ଼ ଜିଲ୍ଲାରେ ଡିସେମ୍ବର ୨୯ ତାରିଖରୁ ଧାନକିଣା ଶୁଭାରମ୍ଭ ହୋଇଥିବାବେଳେ ଏଯାଏଁ ଅଧାରୁ ଅଧିକ ଚାଷୀଙ୍କୁ ଟୋକନ ମେସେଜ୍ ଆସିନାହିଁ। ଯାହାକୁ ନେଇ ଦ୍ୱନ୍ଦ୍ୱରେ ଚାଷୀମାନେ ରହିଥିବା ଜଣାପଡ଼ିଛି। ଜିଲ୍ଲାରେ ୫୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ସାଟେଲାଇଟ୍ ଭେରିଫିକେସନ୍ ପରେ କିଛି ଚାଷୀ ବାଦ୍ ପଡ଼ିବା ସମ୍ଭାବନା ରହିଛି। ଜିଲ୍ଲାରେ ପ୍ରାଥମିକ ପର୍ଯ୍ୟାୟରେ ଅଳ୍ପ ସଂଖ୍ୟକ ଚାଷୀଙ୍କୁ ଟୋକନ ମେସେଜ୍ ଆସିଥିବାବେଳେ ବହୁ ଚାଷୀଙ୍କୁ ମେସେଜ ଆସିନାହିଁ। ଯାହାକୁ ନେଇ ଚାଷୀମାନେ ବାରମ୍ବାର ପ୍ୟାକ୍ସଗୁଡ଼ିକୁ ଧାଉଁଥିବାବେଳେ ଏହାର କାରଣ କ'ଣ ସେ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରୁ ନାହିଁ।

## ୧୩ ବର୍ଷ ହେଲା କାଗଜପତ୍ରରେ ଚାଲିଛି ଡାକ୍ତରଖାନା

**ଭାପୁର,୧।୧(ସମିସ)**: ଗୋଟିଏ ଡାକ୍ତରଖାନା ଦୀର୍ଘ ୧୩ ବର୍ଷ ହେଲା କାଗଜପତ୍ରରେ ଚାଲିଛି ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି। ରାଜ୍ୟ ସରକାର ଡାକ୍ତରଖାନା ମଞ୍ଜୁର କଲେ ଡାକ୍ତର ଓ ଅନ୍ୟ କେତେକ ପଦ ପୂରଣ ହେଲା, ହେଲେ ଜନସାଧାରଣଙ୍କ ପାଇଁ ସେବା ସ୍ୱପ୍ନ ହୋଇ ରହିଲା। କେତେ ରାଜନେତା ଓ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏଯାବତ୍ ଏହା ବାସ୍ତବ ରୂପ ନେଇପାରି ନାହିଁ। ସୋମବାର ଭାପୁରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ବିଜିପୁର ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ରାଉତରାୟଙ୍କ



ପୁଅ ଶଶିଭୂଷଣ ରାଉତରାୟ ଓ ଅନ୍ୟମାନେ ଜିଲ୍ଲାପାଳଙ୍କୁ ଏ ନେଇ ଲିଖିତ ଭାବେ ଜଣାଇ ଏହି ଡାକ୍ତରଖାନାକୁ ବାସ୍ତବତା ଦେବା ପାଇଁ ଦାବି କରିଛନ୍ତି। ବିଜିପୁର ଗ୍ରାମର ଜଣେ ବରିଷ୍ଠ ଓଏଏସ୍ ଅଫିସର ପ୍ରମୋଦ କୁମାର ପଣ୍ଡାଙ୍କ ଉଦ୍ୟମରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବିଜିପୁର ଗ୍ରାମରେ ଏକ ଡାକ୍ତରଖାନା ପାଇଁ ରାଜ୍ୟ ସରକାର ୨୭.୪.୨୦୧୨ରେ ଚିଠି ନମ୍ବର ୧୧୩୫୮ ରେ ରାଜ୍ୟର ୮ ଟି ଡାକ୍ତରଖାନା ସହ ବିଜିପୁରଠାରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଞ୍ଜୁର କରି କର୍ମଚାରୀ ପୋଷ୍ଟିଂ ମଧ୍ୟ କଲେ। ହେଲେ ପ୍ରଶାସନିକ ଅଧିକାରୀମାନଙ୍କ ଉଦାସିନତା ତଥା ସ୍ଥାନୀୟ ଜନସାଧାରଣଙ୍କ ଅସହଯୋଗ ଯୋଗୁଁ ଆବଶ୍ୟକ ଜମି ଚିହ୍ନଟ ହୋଇ ନ ପାରି ଏହା ଏବେ କାଗଜପତ୍ରରେ ଚାଲିଛି। ଏପରିକି ବର୍ତ୍ତମାନ ଏହାର ନିର୍ମାଣ ପାଇଁ ଅର୍ଥ ମଧ୍ୟ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ବିଭାଗ ନିକଟରେ ରହିଥିବା ଜଣାପଡ଼ିଛି। ବିଜିପୁର ପଞ୍ଚାୟତ ବାରକାହାଣିଆ ଗ୍ରାମରେ ତତ୍କାଳୀନ ତହସିଲଦାର ଜମି ଚିହ୍ନଟ କରିଥିଲେ ହେଁ କିଛି ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିବାରୁ ତାହା ବନ୍ଦ ହୋଇ ରହିଲା। ଏହି ପଞ୍ଚାୟତ ସୁନାଖଳା ଗ୍ରାମଠାରେ ରାଜ୍ୟ ରାଜପଥ ନିକଟରେ ଏକ ପ୍ରାଥମିକ ବିଦ୍ୟାଳୟର ୩ ଏକର ଜମି ବର୍ତ୍ତମାନ ଅବ୍ୟବହୃତ ନ ହୋଇ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଠାରେ ଡାକ୍ତରଖାନା ନିର୍ମାଣ କଲେ ଜନସାଧାରଣ ବହୁ ଉପକୃତ ହୋଇପାରନ୍ତେ। ଉଲ୍ଲେଖଯୋଗ୍ୟ ଯେ, ବିଜିପୁର ପଞ୍ଚାୟତରେ ୫୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ରହିଥିଲାବେଳେ ଡାକ୍ତରଖାନା ପାଇଁ ଜମି ନ ମିଳିବା ପରିତାପର ବିଷୟ ପାଲଟିଛି।

**ନୂଆବର୍ଷ ପାଇଁ ଉତ୍ସବମୁଖର ନୟାଗଡ଼**

# ବିଭିନ୍ନ ଦେବାଳୟରେ ନାହିଁ ନ ଥିବା ଭିଡ଼

**ନୟାଗଡ଼,୧।୧(ସମିସ)**

ପୁରୁଣା ବର୍ଷ ୨୦୨୫କୁ ବିଦାୟ ଜଣାଇ ଗୁରୁବାରଠାରୁ ନୂତନ ବର୍ଷ ୨୦୨୬ ଆରମ୍ଭ ହୋଇଛି। ନୂଆବର୍ଷକୁ ସ୍ୱାଗତ କରିବା, ବନ୍ଧୁ ପରିଜନଙ୍କୁ ଶୁଭେଚ୍ଛା ଜଣାଇବା ଏହା ସହିତ ଭଗବାନଙ୍କ ଆଶୀର୍ବାଦ ନେବାକୁ ବେଶ୍ ଗହଳିଚହଳି ଲାଗି ରହିଛି। ସକାଳୁ ଜିଲ୍ଲାର ପ୍ରମୁଖ ଦେବାଳୟରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ନୟାଗଡ଼ ପୁରୁଣା ସହରରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ଓ ଦକ୍ଷିଣକାଳୀ ମନ୍ଦିରରେ ନାହିଁ ନ ଥିବା ଭିଡ଼ ଦେଖାଯାଇଛି। ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମାନ ଭାବେ ଶରଣକୁଳ ଲଡୁବାବା ମନ୍ଦିର, ଓଡ଼ଗାଁ ରଘୁନାଥ ମନ୍ଦିର, ଦୂତିକେଶ୍ୱର ମନ୍ଦିର, କଣ୍ଟିଲୋ ନୀଳମାଧବ ମନ୍ଦିର, ରଣପୁର ଜଗନ୍ନାଥ ମନ୍ଦିର, ମଣିନାଗ ମନ୍ଦିର, ଦଶପଲ୍ଲାର ମହାବୀର ମନ୍ଦିରରେ ଭିଡ଼ ସୃଷ୍ଟି ହୋଇଥିଲା। ଏହା ସହିତ ବିଭିନ୍ନ ପିକ୍‌ନିକ୍ ସ୍ପଟ୍ ଓ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଦେଖାଯାଇଛି। ନୂଆଗାଁ ବ୍ଲକ୍ ଅନ୍ତର୍ଗତ ପାଣିପୋଇଲା ଡ୍ୟାମ୍, ନୟାଗଡ଼ ବ୍ଲକ୍ ଶରଧାପୁର ବୈଷ୍ଣବଗିରି, ଇଟିରି ନିକଟସ୍ଥ ଝରଦେଇ, ଶରଣକୁଳ ନିକଟସ୍ଥ ଝାଡ଼େଶ୍ୱରୀ, ଓଡ଼ଗାଁ ବ୍ଲକ୍ ବୁଢ଼ାବୁଢ଼ିଆଣୀ ଡ୍ୟାମ୍, ଶିମିଳିଝରଣା, ବରକନ୍ୟା ଝରଣା, ଦଶପଲ୍ଲା କୁଆଁରିଆ ଡ୍ୟାମ୍, ଖଣ୍ଡପଡ଼ା ସୁନାମୁହିଁ ଡ୍ୟାମ୍, ଗୋକୁଳାନନ୍ଦ ଆଶ୍ରମରେ ବ୍ୟାପକ ଜନସମାଗମ ହୋଇଛି। ସାତକୋଶିଆ ବଡ଼ମୂଳରେ ମଧ୍ୟ ବେଶ୍ ଜନସମାଗମ ହୋଇଛି। ନୟାଗଡ଼ ସହରରେ ଅବସ୍ଥିତ ବଲାଙ୍ଗୀ ବନ୍ଧ ପାର୍କରେ ନାହିଁ ନ ଥିବା ଭିଡ଼ ଦେଖାଯାଇଛି। ଦିନ ତମାମ ଶୁଭେଚ୍ଛା ଜଣାଇବାରେ ଲୋକଙ୍କ ସମୟ ଅତିବାହିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ପାଖରେ ଭିଡ଼ ଦେଖାଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଚଳିତ ବର୍ଷ ଫୁଲତୋଡ଼ା ଓ ଡାଇରୀକୁ ବାରଣ କରିଥିବାବେଳେ ଶୁଭେଚ୍ଛା ଜଣାଇବା ପାଇଁ ଖାତା, କଲମ ଓ ପେନ୍‌ସିଲ୍ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ସେହି ଅନୁସାରେ ପ୍ରଶାସନିକ ଅଧିକାରୀଙ୍କ ପାଖରେ ଅନେକ ଖାତା, କଲମ ପହଞ୍ଚିଛି। ଏହାକୁ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ଗରିବ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ରେ ଲକ୍ଷାଧିକ ସମାଗମ

**ଭାପୁର,୧।୧(ସମିସ)**: ନୂଆବର୍ଷରେ ସାରା ଭାରତର ଓଡ଼ିଶାର ତୀର୍ଥ ଓ ଧାର୍ମିକ ସ୍ଥଳରେ ଭିଡ଼ ପରିଲକ୍ଷିତ ହୋଇଛି। ବିଶେଷ କରି ଓଡ଼ିଶାର ଜଗନ୍ନାଥ ଧାମ ପୁରୀ ଓ ଦ୍ୱିତୀୟ ଅଯୋଧ୍ୟା କୁହାଯାଉଥିବା ଫତେଗଡ଼ ଶ୍ରୀରାମ ମନ୍ଦିର ସାରା ଓଡ଼ିଶାର ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଶ୍ରୀରାମ ମନ୍ଦିରରେ ନୂଆବର୍ଷରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି। ବୁଧବାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ନୂଆବର୍ଷ ଦିନ ଭୋର୍ ସମୟରୁ ଶ୍ରୀରାମ ମନ୍ଦିରରେ ଭକ୍ତଙ୍କ ଭିଡ଼ ଆରମ୍ଭ ହୋଇଥିଲା। ଭିଡ଼ ଆସ୍ତେ ଆସ୍ତେ ବଢ଼ିଥିଲା। ଶ୍ରଦ୍ଧାଳୁମାନେ ପରିବାର ସହ ପାହାଡ଼ ଚଢ଼ି ପ୍ରଭୁଙ୍କ ଦର୍ଶନ କରିଥିଲେ। ଏପରି ହୋଇଥିଲା ଯେ ଫତେଗଡ଼ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ଜାମ ହୋଇଥିଲା। ଫତେଗଡ଼ ପୁଲିସ ସ୍ୱତନ୍ତ୍ର ଫୋର୍ସ ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆପ୍ରାଣ ଉଦ୍ୟମ କରିବା ଯୋଗୁଁ ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହ ମର୍ଯ୍ୟାଦା ପୁରୁଷଙ୍କ ଦର୍ଶନ କରି ଫେରିଥିଲେ। ଜିଲ୍ଲା ବାହାରୁ ଆସିଥିବା ହଜାର ହଜାର ଭକ୍ତମାନେ ପାହାଡ଼ ପାଦଦେଶରେ ବଣଭୋଜି କରୁଥିବାର ଦେଖିବାକୁ ମିଳିଛି।



## ଯୋଗୀଯୋଗିଆଣି ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁମେଳା

**ଖଣ୍ଡପଡ଼ା,୧।୧(ସମିସ)**: ଖଣ୍ଡପଡ଼ା ବ୍ଲକ୍ କୋସ୍କା ପଞ୍ଚାୟତ ଅନ୍ତର୍ଗତ ଅଁଳାପଟା ଯୋଗୀଯୋଗିଆଣି ପୀଠରେ ଗୁରୁବାର ଇଂରାଜୀ ନବବର୍ଷ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସାଜିତ୍ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ ଆଖପାଖ ପ୍ରାୟ ୩୦ଟି ଗ୍ରାମର ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୁରୁବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

ଏହି ପୀଠର ଇତିହାସରୁ ଜଣାଯାଏ ଯେ, ଅଶୋକ ଯେବେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହେଲେ ଅଭିବକ୍ତ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଯାଇ ତପସ୍ୟା କରିଥିଲେ। ତପସ୍ୟା କରିଥିବା ସ୍ଥାନମାନଙ୍କ ମଧ୍ୟରୁ ଖଣ୍ଡପଡ଼ା ଗଡ଼ଜାତ ଅଞ୍ଚଳର ପଞ୍ଚିମାଞ୍ଚଳରେ ଥିବା ଅଁଳାପଟା ଗ୍ରାମକୁ ଲାଗିକରି ଥିବା ଜଙ୍ଗଲ ପାଦଦେଶରେ ଶାନ୍ତିର ପ୍ରତୀକ ବୌଦ୍ଧ ଓ ଜୈନ ମୂର୍ତ୍ତିକୁ ଏକ ବିରାଟ ବୃକ୍ଷ ମୂଳେ ସ୍ଥାପନ କରି କିଛିଦିନ ପାଇଁ ତପସ୍ୟା କରିଥିଲେ। ପରବର୍ତ୍ତୀ ସମୟରେ ସେହି ପବିତ୍ର ସ୍ଥାନରେ ଯୋଗୀ ଏବଂ ଯୋଗିଆଣିମାନେ ନିଜ ସାଧନାସ୍ଥଳୀ ଭାବେ ବାଛିନେଇଥିଲେ। ଯାହା ଫଳରେ ପରବର୍ତ୍ତୀ ସମୟରେ ସେହି ସ୍ଥାନକୁ ଯୋଗୀଯୋଗିଆଣି ପୀଠ ବା ବୌଦ୍ଧ ପୀଠ କୁହାଯାଏ ବୋଲି ଜଣାପଡ଼ିଛି। ତେବେ ଏହି ପ୍ରାଚୀନ ପର୍ଯ୍ୟଟନ କ୍ଷେତ୍ରର ରକ୍ଷଣାବେକ୍ଷଣ ଏବଂ ଦୂରଦୃଷ୍ଟି ଅଭାବରୁ ପର୍ଯ୍ୟଟକଙ୍କ ଭିଡ଼ ଧୀରେ ଧୀରେ କମିବାରେ ଲାଗିଛି। ଏଭଳି ଏକ ପ୍ରାଚୀନ ଐତିହାସିକ ସ୍ଥାନର ସମୂହ ବିକାଶ ଏବଂ ଅଭାବ ଅସୁବିଧାକୁ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟିଗୋଚର ହେଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ଅମରେଶ ପଟ୍ଟନାୟକ, ବାପୁ ଦାସ, ବାସୁଦେବ ରାଉଳ ଓ ରଣଜିତ ମହାନ୍ତି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



**ସଡ଼କ ସୁରକ୍ଷା ସଚେତନତା ମାସ ପାଳିତ**

# ପିଲାଙ୍କୁ ଗାଡ଼ି ନ ଦେବା ପାଇଁ ପରାମର୍ଶ




**ନୟାଗଡ଼,୧।୧(ସମିସ)**: ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସର ପ୍ରଥମ ଦିନରେ ଏକ ସଚେତନତା ବୈଠକ, ପାଲା ଏବଂ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ କହିଲେ ଯେ ଆଜିଠୁ ସଚେତନତା ମାସ ଆରମ୍ଭ ହେଲା। ଦୁର୍ଘଟଣା ରୋକିବା ଦିଗରେ ଆମେ ସଚେତନ ହେବା ଦରକାର। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୁଇଚକିଆ ଯାନରେ ହେଲ୍‌ମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ବ୍ୟବହାର କରିବା, ଗାଡ଼ି ଚଳାଇବା ପୂର୍ବରୁ ଗାଡ଼ିର ବ୍ରେକ୍, ହର୍ଣ୍ଣ, ଇଣ୍ଡିକେଟର, ଟାୟାର ପ୍ରେସର, ଇଞ୍ଜିନ୍ ତେଲର ଯାଞ୍ଚ କରିନେବା ଏବଂ ସରକାରଙ୍କ ଗାଇଡ୍ ଲାଇନକୁ ପାଳନ କରିବାକୁ କହିଥିଲେ। ଉପଜିଲ୍ଲାପାଳ କହିଲେ ଯେ ପିଲାମାନେ ସବୁବେଳେ ଗାଡ଼ି ଚଳାଇବାକୁ ଆଗ୍ରହୀ ଥାଆନ୍ତି। ବାପା-ମାଆ ସେଥିପ୍ରତି ସତର୍କ ରହିବା ଦରକାର। କୌଣସିମତେ ସେମାନଙ୍କୁ ଗାଡ଼ି ଯୋଗାଇ ନ ଦେବାକୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଦୁର୍ଘଟଣା ରୋକାଯିବାକୁ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍କାଇଲ୍ ନୟାଗଡ଼ ମାଧ୍ୟମରେ ୮ଟି ବ୍ଲକ୍‌ରେ ପାଲା ପରିବେଷଣ କରାଯାଇ ସଚେତନତା ବାର୍ତ୍ତା ପ୍ରେରଣ କରାଯିବାକୁ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସୁଦ୍ଧା ପ୍ରିୟଦର୍ଶିନୀ, ମୋଟରଯାନ ନିରୀକ୍ଷକ ପ୍ରକାଶ କୁମାର ଦିପ୍, ଟ୍ରାଫିକ୍ ଇନ୍ସପେକ୍ଟର ସ୍ୱଚ୍ଛପ୍ରଭା ରଥ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀଗଣ, ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ, ବିଭିନ୍ନ ବିଭାଗୀୟ ଅଧିକାରୀ, ସାମ୍ବାଦିକମାନେ ସାମିଲ୍ ହୋଇଥିଲେ।

## ଶ୍ରୀରାମଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଓ ପରିବାର



**ଭାପୁର,୧।୧(ସମିସ)**: ଦ୍ୱିତୀୟ ଅଯୋଧ୍ୟା ମାନ୍ୟତା ପାଇଥିବା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଶ୍ରୀରାମ ମନ୍ଦିରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ, ମାଆ ଓ ପରିବାର ବର୍ଗ ପହଞ୍ଚି ଶ୍ରୀରାମ ଲାଲାଙ୍କୁ ଦର୍ଶନ କରି ବିମୋହିତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଡ. ପ୍ରିୟଙ୍କା ମାରାଣ୍ଡି, ମାଆ, ଭଉଣୀ, ଝିଆରୀ ଓ ପରିବାରର ଅନେକ ନୂଆବର୍ଷରେ ଦ୍ୱିତୀୟ ଅଯୋଧ୍ୟାରେ ପହଞ୍ଚି ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର, ଭାଇ ଲକ୍ଷ୍ମଣ ଓ ସୀତା ମାତାଙ୍କୁ ଦର୍ଶନ କରି ବିମୋହିତ ହୋଇଥିଲେ। ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ପରିବାର ପ୍ରଥମେ କଣ୍ଟିଲୋ ନୀଳମାଧବଙ୍କୁ ଦର୍ଶନ କରି କଣ୍ଟିଲୋ ଡାକବଙ୍ଗଳାରେ କିଛି ସମୟ ରହିଥିଲେ। ଏହାପରେ ଅପରାହ୍ନ ୫ଟାରେ ସେମାନେ ଫତେଗଡ଼ ଶ୍ରୀରାମ ମନ୍ଦିର ଆସି ପ୍ରଭୁଙ୍କୁ ଦର୍ଶନ କରିଥିଲେ। ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା। ଫତେଗଡ଼ ଶ୍ରୀରାମ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନିରଞ୍ଜନ ବେହେରା, କାହ୍ନୁଚରଣ ପ୍ରଧାନ, ମନୋଜ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ ଫଟୋଚିତ୍ର ଓ ଉପଢୌକନ ଉପହାର ପ୍ରଦାନ କରିଥିଲେ। ନିର୍ବାଚନ ଜିତିବା ଦିନଠାରୁ ଫତେଗଡ଼ ଶ୍ରୀରାମ ମନ୍ଦିରରେ ପାଦ ପଡ଼ି ନ ଥିବା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଓ ମାଆଙ୍କ ଗସ୍ତ ଯୋଗୁଁ ବାଧ୍ୟ ହୋଇ ଫତେଗଡ଼ ମନ୍ଦିରରେ ପହଞ୍ଚିଥିଲେ।

## ଶାନ୍ତିକୁ ଆବିଷ୍କାର କଲେ ଅଶାନ୍ତି ଦୂରେଇ ଯିବ



**ଓଡ଼ଗାଁ,୧।୧(ସମିସ)**: ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବାଘୁଆଛକ ନିକଟ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତପୋବନ ପ୍ରାଙ୍ଗଣରେ ନୂତନ ବର୍ଷର ସ୍ୱାଗତ ପାଇଁ ବ୍ରହ୍ମାକୁମାରୀ ଶାନ୍ତି ଭଉଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ, ରାଧାଗୋବିନ୍ଦ ନାୟକ, ଦମୟନ୍ତୀ ପାତ୍ର, ବିରଞ୍ଚି ନାରାୟଣ ପାତ୍ର, ବିଦ୍ୟାଧର ପ୍ରଧାନ, ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ନୂତନ ଇଂରାଜୀ ନବବର୍ଷକୁ ସ୍ୱାଗତ କରିବା ସହିତ କେକ୍ କାଟି ୧୫ରୁ ଊର୍ଦ୍ଧ୍ୱ ବ୍ରହ୍ମାକୁମାରୀ ଭଉଣୀଙ୍କ ଜନ୍ମଦିନ ପାଳନ କରିଥିଲେ। ଶାନ୍ତି କୌଣସି ପଣ୍ୟଦ୍ରବ୍ୟ ନୁହେଁ, ଯାହାକୁ କି ଆମେ କିଣିପାରିବା। ନିଜ ମଧ୍ୟରେ ଶାନ୍ତିର ଅନ୍ୱେଷଣ କଲେ ଆମକୁ ଶାନ୍ତି ମିଳିପାରିବ ଏବଂ ଜୀବନଚର୍ଯ୍ୟାରେ ଶାନ୍ତି ଉପଲବ୍ଧ ହୋଇପାରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଲୋଭ, ମୋହ ପରିତ୍ୟାଗ କରି ନିଷ୍କାମ ପ୍ରେମଭାବ ଜାଗ୍ରତ ହେଲେ ମନ ସ୍ଥିର ରହିବା ସହିତ ଶରୀର ସୁସ୍ଥ ରହିବ। କାର୍ଯ୍ୟକ୍ରମରେ ନୟାଗଡ଼ ଏବଂ ଗଞ୍ଜାମ ଜିଲ୍ଲାର ଭାଇ ଓ ଭଉଣୀମାନଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଅନେକ ପରିବାର କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଶିଶୁମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା।

**ଦଶପଲ୍ଲା**

ଗଭୀର ଭାବାବେଗ ଓ ଆଧ୍ୟାତ୍ମିକ ପରିବେଶରେ ଗୁରୁବାର ସ୍ଥାନୀୟ ସତ୍‌ସଙ୍ଗ ବିହାର ପରିସରରେ ଚଳିତ ବର୍ଷ ପ୍ରଥମ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଗୁରୁଭାଇ, ଗୁରୁମା'ଙ୍କ ସମେତ ଜିଲ୍ଲା ଓ ରାଜ୍ୟସ୍ତରୀୟ ଋତ୍ୱିକ୍‌ମାନଙ୍କର ଗରିମାମୟ ଉପସ୍ଥିତି ଦେଖିବାକୁ ମିଳିଥିଲା। ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ ଭଜନ, କୀର୍ତ୍ତନ, ସମୂହ ପ୍ରାର୍ଥନା ଓ ସତ୍‌ସଙ୍ଗ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ ଉପାଦେୟ ଅଭିଭାଷଣ ରଖିଥିଲେ। ସର୍ବଶ୍ରୀ ଡ. ହୃଷୀକେଶ ସେନାପତି, ଡ. ସୁକାନ୍ତ ବେହେରା, ସୌମ୍ୟଶ୍ରୀ ଆଶୀର୍ବାଦ, ରବୀନ୍ଦ୍ରନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ସତ୍‌ସଙ୍ଗ ବିହାର ମୁଖ୍ୟ ପ୍ରହଲ୍ଲାଦ ସାହୁ, ଦାମୋଦର ସାହୁ, ସୁଶାନ୍ତ ପାତ୍ର ପ୍ରମୁଖ ଏହି ଉତ୍ସବ ସଫଳ ସଂଯୋଜନା କରିଥିଲେ।

## ମା' ବାଟପଛେଇଙ୍କ ବାର୍ଷିକ ଉତ୍ସବ

**ଗଣିଆ,୧।୧(ସମିସ)**: ଗଣିଆ ବ୍ଲକ୍ ବଡ଼ସିଲିଙ୍ଗା ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା' ବାଟପଛେଇଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅଧିବାସ ହୋଇଥିବାବେଳେ ମଙ୍ଗଳବାର ଧୁମ୍‌ଧାମରେ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ବଣଜଙ୍ଗଲ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ପୀଠରେ ମାନସିକ କଲେ ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଥିବାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବଡ଼ସିଲିଙ୍ଗା ଅଞ୍ଚଳର ଏହା ମୁଖ୍ୟ ପର୍ବ ହୋଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ସମେତ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

**ଜଙ୍ଗଲ ଭିତରେ ଜଙ୍ଗଲୀ ରାଜ୍**

# ନିମ୍ନମାନର କାର୍ଯ୍ୟ କରି ହରିଲୁଟ୍ ଉଦ୍ୟମ

**ଖଣ୍ଡପଡ଼ା,୧।୧(ସମିସ)**

ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଉନ୍ନୟନ କାମ ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ହେଉଛି। ନୟାଗଡ଼ ବନଖଣ୍ଡ ନୟାଗଡ଼ ବନାଞ୍ଚଳ ଅଧୀନସ୍ଥ ସାପୁଆ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ଠିକାଦାରୀ ଆଳରେ ନିମ୍ନମାନର କାର୍ଯ୍ୟ କରାଯାଉଛି। ଘଞ୍ଚ ଜଙ୍ଗଲ ମଧ୍ୟରେ କାମ ଚାଲିଥିବାବେଳେ ବନ କର୍ମଚାରୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି। କେଉଁ ଅନୁଦାନ ଅର୍ଥରେ ଏହି କାମ ହେଉଛି ଏବଂ କିଏ କରୁଛି ସେ ସମ୍ବନ୍ଧୀୟ ଫଳକ ମଧ୍ୟ ଲଗାଯାଇନାହିଁ। ଫଳରେ ଘଞ୍ଚ ଜଙ୍ଗଲ ମଧ୍ୟରେ ବନ ବିଭାଗ ଅର୍ଥ ବାଟମାରଣା ହେଉଥିବା ଆଶଙ୍କା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଖଣ୍ଡପଡ଼ା ସହିତ ନୟାଗଡ଼ ବନାଞ୍ଚଳର ଏକ ପ୍ରମୁଖ ସଂରକ୍ଷିତ ଜଙ୍ଗଲ ହେଉଛି ସାପୁଆ ସଂରକ୍ଷିତ ଜଙ୍ଗଲ। ପ୍ରାୟ ୮ କି.ମି.ରୁ ଊର୍ଦ୍ଧ୍ୱ ଜଙ୍ଗଲକୁ ମାଟି ରାସ୍ତା ଭାଗ କରିଥିବାବେଳେ ଲୋକମାନେ ଯାତାୟାତ କରିଥା'ନ୍ତି। ଜଙ୍ଗଲ ମଧ୍ୟରେ ଜେସିବି ଲଗାଇ ରାସ୍ତା ଏବଂ ଏହାର ପାର୍ଶ୍ୱରେ ଡ୍ରେନ୍ କାମ ଚାଲିଥିବାବେଳେ ଏଥିପାଇଁ କିନ୍ତୁ କୌଣସି ଫଳକ ଲାଗିନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାମ ତଦାରଖ କରିବାକୁ ବନ କର୍ମଚାରୀ ନ ଥିବାର ଅଭାବନୀୟ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଏଭଳି କାମ ବାବଦରେ ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖାଯାଇଥିବା ବେଳେ ତାଳିପକା କାମ କରି ଅର୍ଥ ଉଠାଇ ନେବାର ମସୁଧା ହେଉଥିବା ଅଭିଯୋଗ ହୋଇଛି। ଜଙ୍ଗଲ ଭିତରେ ଯେନତେନ କାର୍ଯ୍ୟ କରି ସ୍ଥାନୀୟ ବନ କର୍ମଚାରୀ ସରକାରୀ ଅର୍ଥ ବାଟମାରଣା କରିବା ଯୋଜନାରେ ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଗତ ଦିନରେ ଏହି ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରାଯାଇ ସରକାରୀ ଅର୍ଥ ବାଟମାରଣା ହୋଇଛି। ସାପୁଆ ସଂରକ୍ଷିତ ଜଙ୍ଗଲ ଦିନକୁ ଦିନ ଉଜୁଡୁଥିବାବେଳେ ବନ କର୍ମଚାରୀ ଠିକାଦାର ସାଜି ହରିଲୁଟ୍ କରିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନୟାଗଡ଼ ବନାଞ୍ଚଳ ଅଧୀନସ୍ଥ ଖେଡ଼ପଡ଼ା ସେକ୍ସନ୍ ଯୋଗିଆପଲ୍ଲୀ ବିଟ୍ ଅଧୀନରେ ଏହି କାର୍ଯ୍ୟ କରାଯାଉଥିବା ସୂଚନା ମିଳିଛି।



### ସାପୁଆ ସଂରକ୍ଷିତ ଜଙ୍ଗଲରେ ହାତୀପଲ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଓ ନୟାଗଡ଼ ବନାଞ୍ଚଳ ଅଧୀନରେ ରହିଥିବା ସାପୁଆ ସଂରକ୍ଷିତ ଜଙ୍ଗଲରେ ହାତୀପଲ ଚଳପ୍ରଚଳ କରୁଥିବା ସୂଚନା ମିଳିଛି। ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳକୁ ହାତୀପଲ ଆସୁ ନ ଥିବାବେଳେ ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ହାତୀ ଆସିବା ଦେଖାଯାଇଛି। ସ୍ଥାନୀୟ ବନ କର୍ମଚାରୀ ସଜାଗ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଏହି ଅଞ୍ଚଳରେ ବାରହା ଶିକାର ପାଇଁ ଅନେକ ସମୟରେ ବିଦ୍ୟୁତ୍ ଫାଶ ବସାଯାଉଥିବାରୁ ଏହା ହାତୀଙ୍କ ପାଇଁ ବିପଦ ହୋଇପାରେ ବୋଲି ଆଲୋଚନା ହେଉଛି।

# ହାତୀ ପଲ ନଷ୍ଟକଲେ ୬୧ ବସ୍ତା ଧାନ



ବେଗୁନିଆ, ୧।୧(ସମିସ): ୧୬ ଟିକିଆ ହାତୀପଲ ବେଗୁନିଆ ବ୍ଲକର ବାମଡିହ, ଶରଧାପୁର, ଡିଙ୍ଗର୍ ଓ ଚଣ୍ଡିଆପଲା ଗ୍ରାମର ବିଲରେ ପଶି ଖାଦ୍ୟ ଶସ୍ୟ ନଷ୍ଟ କରୁଥିବାବେଳେ ଅଳ୍ପ ସଂଖ୍ୟକ ବନ ବିଭାଗ କର୍ମଚାରୀ ନିୟୋଜିତ ହୋଇ ଥିବାରୁ ହାତୀ ମାନଙ୍କୁ ଘଉଡ଼ାଇବା କ୍ଷେତ୍ରରେ ଅସମର୍ଥ ହୋଇ ପଡିଛନ୍ତି। ହାତୀ ଗୁଡିକ ଗତିବିଧି ଲକ୍ଷ୍ୟ କରିବା ପାଇଁ ଡ୍ରୋନର ଉଡାଇ ସେମାନଙ୍କ ଗତିବିଧି ଉପରେ ନଜର କରୁଛନ୍ତି। ଗଡ଼ମାଣତିର ଓ ଲୋକିପୁର ଗ୍ରାମ ପାଶ୍ୱର୍ରେ ଥିବା ୧୬ଟିକିଆ ହାତୀ ପଲ ମଙ୍ଗଳବାର ଦିନ ଶରଧାପୁର ଅଟ୍ରି ପଟକୁ ଚାଲିଆସିଥିଲେ। ଫଳରେ ମଙ୍ଗଳବାର ଏବଂ ବୁଧବାର ଦିନ ହାତୀଙ୍କ ସୁରକ୍ଷା ପାଇଁ ବିଦ୍ୟୁତ କାଟ କରିବା ଯୋଗୁଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ହାତୀମାନେ ରାତିରେ ଖାଦ୍ୟ ଖାଇ ସାରିବା ପରେ ଅଟ୍ରି ପାଖରେ ଥିବା ଏକ ପୋଖରୀ ନିକଟରେ ବିଶ୍ରାମ ନେଉଥିଲେ। ଏପରିକି ଗତକାଲି ରାତିରେ ଶରଧାପୁର ଗ୍ରାମର ଝସକେତନ ପ୍ରଧାନଙ୍କ ବାଡ଼ିକୁ ଲାଗି ଥିବା ବିଲରେ ବେଙ୍ଗଳା ପକାଇ ୬୧ବସ୍ତା ଧାନ ଘରକୁ ଆଣିବା ପାଇଁ ରଖିଥିବାବେଳେ ହାତୀଗୁଡିକ ଧାନ ବସ୍ତା ଟେକି ନେଇ ହୁଡ଼ା ଉପରେ ରଖି ତାକୁ କୁଦି ଖାଇ ଫିଙ୍ଗା ଫୋପଡ଼ା କରି ଦେଇ ଥିବାର ବଡି ଭୋରରୁ ଶ୍ରୀ ପ୍ରଧାନ ଦେଖିବାକୁ ପାଇଥିଲେ। ଏହି ଘଟଣା ଦେଖିବା ପରେ ଚାଷ ପାଇଁ କରିଥିବା ଧାର କରଜ କିପରି ସୁଝିବେ ସେଇ ଚିନ୍ତାରେ ପଡିଛନ୍ତି। ଏହି ହାତୀ ଗୁଡିକ ସକାଳେ ସ୍ଥାନ ଛାଡି ଅନ୍ୟ ଆଡେ ପଳାଇ ଯାଇଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା

ବେଗୁନିଆ,୧।୧(ସମିସ): ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ଅନ୍ତର୍ଗତ କୋଦୁଅ ବେରେଣୀ ଗ୍ରାମର ପୂର୍ବତନ ସରପଞ୍ଚ ମହେଶ୍ୱର ତ୍ରିପାଠୀଙ୍କ ଏକାଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ରାଜ କିଶୋର ସାହୁଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ ସାହୁ, କଂଗ୍ରେସ ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, କଂଗ୍ରେସ ସେବା ଦଳର ପୂର୍ବତନ ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଦାଶିବ ମହାପାତ୍ର, ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରା, ସରପଞ୍ଚ ସୁରଜ ସୁବୁଦ୍ଧି, ପୂର୍ବତନ ସମିତି ସଭ୍ୟ ସୁରେଶ ଚନ୍ଦ୍ର ପ୍ରଧାନ, ରମେଶ ରଞ୍ଜନ ସାହୁ, ସରପଞ୍ଚ ନାରାୟଣ ସାହୁ, ପ୍ରଦୀପ ବାରିକ, ସମିତି ସଭ୍ୟ ବିଜୟ ସୁବୁଦ୍ଧି, ଶିକ୍ଷାବିତ୍ ଲୋକନାଥ ସାହୁ, ମାଧବ ଦାଶ, ସୁରେନ୍ଦ୍ର ବିଶ୍ୱାଳ, ଆଲୋକ ସୁବୁଦ୍ଧି, ଭାଗିରଥି ଦାଶ, ରମେଶ ସାହୁ ପ୍ରମୁଖ ଉପସ୍ଥିତ ତାଙ୍କ ସ୍ମୃତି ଚାରଣ କରିଥିଲେ। ମଧ୍ୟମ ପୁତ୍ର ସନ୍ତୋଷ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନାତି ମିହିର ରଞ୍ଜନ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶକ୍ତି ସଂରକ୍ଷଣର ଶିକ୍ଷା ଭ୍ରମଣ

ନିରାକାରପୁର,୧।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକର ରାମଚନ୍ଦ୍ର ବିଦ୍ୟାନିକେତନ, ରମାବିଲିର ୮୦ ଜଣ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକ ସମେତ ଶିକ୍ଷା କର୍ମଚାରୀମାନଙ୍କୁ ନେଇ ପ୍ରଧାନଶିକ୍ଷକ ବଳରାମ ପାଇକରାୟଙ୍କ ନେତୃତ୍ୱରେ "ଶକ୍ତି ସଂରକ୍ଷଣର ଶିକ୍ଷା ଭ୍ରମଣ -୨୦୨୫' ଅନୁଷ୍ଠିତ ହୋଇଛି। ଶିକ୍ଷକ ନେତା ରମାକାନ୍ତ ମହାପାତ୍ରଙ୍କ ସମେତ ଶିକ୍ଷକ ମୁରଲୀଧର ହରିଚନ୍ଦନ, ନରେନ୍ଦ୍ର ପାଇକରାୟ, ନାରାୟଣ ପାତ୍ର, ସୁକାନ୍ତି ବିଶୋଇ, ଶରତ ଚନ୍ଦ୍ର ଛୋଟରାୟ, ପ୍ରତାପ ମଙ୍ଗରାଜ, ରଶ୍ମିରଂଜନ ପ୍ରଧାନ ସମେତ ଯୋଗ ଦେଇଥିଲେ। ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର "ଶିକ୍ଷା ଭ୍ରମଣ -୨୦୨୫'ର ନେତୃତ୍ୱ ନେଇ ସମ୍ବଲପୁରର ବକ୍ରେଶ୍ୱର ମହାଦେବ ମନ୍ଦିର, ହୀରାକୁଦ ନଦୀବନ୍ଧ ଯୋଜନା, ଘଣ୍ଟେଶ୍ୱରୀ ଦେବୀ ପୀଠ, ଚିପିଲିମା ବିଦ୍ୟୁତ ଉତ୍ପାଦନ ସ୍ଥଳ ସହିତ ମା' ସମଲେଶ୍ୱରୀ ଶକ୍ତିପୀଠ ପରିଭ୍ରମଣ ସହିତ କ'ଣ ଶିକ୍ଷା ଲାଭ କଲେ, ତା' ଉପରେ ବିଷଦ ଆଲୋଚନା କରାଯାଇଥିଲା। ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

# ମଧ୍ୟାହ୍ନ ଯାଏଁ କୁହୁଡି; ଯାତାୟାତରେ ବ୍ୟାଘାତ

ବାଲୁଗାଁ,୧।୧(ସମିସ) : ଚିଲିକା ତଥା ବାଲୁଗାଁ ଓ ବାଣପୁର ଅଞ୍ଚଳରେ କୋହଲା ପାଗ ସହ ପ୍ରବଳ ଶୀତର ଲହରୀ ଓ କୁହୁଡି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଦିନ ସାରା କୋହଲା ପାଗ ସାଙ୍ଗକୁ ଗତ ତିନି ଦିନ ହେବ ବାଲୁଗାଁ ବାଣପୁର ସହର ରାତ୍ର ସମେତ ଦିବା ୧୧ଘଟିକା ସମୟ ପର୍ଯ୍ୟନ୍ତ ଘନ କୁହୁଡିର ଚାଦର ଘୋଡେଇ ହୋଇ ରହି ସାମ୍ନା ରାସ୍ତା ସଠିକ ଦେଖାଯାଉ ନ ଥିବା ବେଳେ ଗାଡି ମଟର ଯାତାୟତରେ ବାଧା ଉପୁଜିଛି। ଏପରି କିଛି ଦିନ ହେବ ଦିବା ୧୧ ଘଟିକା ପର୍ଯ୍ୟନ୍ତ ଅଞ୍ଚଳ ସାରା ଘନ କୁହୁଡି ଆଚ୍ଛାଦିତ ରହିଥିବାବେଳେ ଦିବା ୧୨ ଘଟିକା ପରେ ଆକାଶରେ ସୂର୍ଯ୍ୟ ଦୃଶ୍ୟମାନ ହେବା ଅଞ୍ଚଳରେ ପ୍ରଥମ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।



# ବଣଭୋଜି, ଅଭିନନ୍ଦନ ଓ ବନ୍ଧୁମିଳନରେ ଜମିଲା ନୂଆବର୍ଷ

ଖୋର୍ଦ୍ଧା,୧।୧(ସମିସ)



ବିଦାୟ ନେଇଛି ଇଂରାଜୀ ବର୍ଷ ୨୦୨୫। ନୂତନ ବର୍ଷ ୨୦୨୬ ପାଦଦେବା ମାତ୍ରେ ପ୍ରଥମ ଦିନର ଶୀତୁଆ ସକାଳ ଏବଂ ବଣଭୋଜି ଯୁବପିଢିଙ୍କୁ ବେଶ୍ ମତୁଆଲା କରିଛି। ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଏବଂ ଦିନ ତମାମ୍ ବଣଭୋଜି ସେମାନଙ୍କୁ ଆଜିର ଦିନକୁ ହଜାଇ ଦେଇଛି। ଜିଲ୍ଲାବ୍ୟାପି ପର୍ଯ୍ୟଟନ କ୍ଷେତ୍ରରେ ଏ ଭଳି ଦୃଶ୍ୟ ଆଜି ସକାଳୁ ଦେଖିବାକୁ ମିଳିଛି। ବୁଧବାର ଦିନ ତମାମ ଭୋଜିଭାତ ଚାଲିଥିଲା। ରାତି ଠିକ୍ ୧୨ଟା ଠାରୁ ନୂତନବର୍ଷକୁ ସ୍ୱାଗତ ଉପଲକ୍ଷ ଆତସବାଜି ଫୁଟାଇ ମଜା ନେଇଥିବାବେଳେ ଗୁରୁବାର ସକାଳୁ ଅଭିନନ୍ଦନ, ବଣଭୋଜି ଓ ବନ୍ଧୁମିଳନ ମଧ୍ୟରେ ଅନେକ ଲୋକ ନୂଆ ବର୍ଷର ପ୍ରଥମ ଦିନକୁ କାଟିବାକୁ ବେଶ୍ ପସନ୍ଦ କରିଥିବା ଦେଖାଯାଇଛି।

ଆଉ କିଛି ଲୋକ ଦେବଦେବୀଙ୍କ କରୁଣାରୁ ନୂତନ ବର୍ଷ ସୁଖ, ଶାନ୍ତି, ସମୃଦ୍ଧି ଓ ସୌଭାଗ୍ୟର ବର୍ଷ ସମସ୍ତଙ୍କ ପାଇଁ ଆଣିଦେଉ କାମନା କରି ଠାକୁରଙ୍କ ଶରଣ ପଶିଥିବା ଦେଖାଯାଇଛି। ମୁଖ୍ୟତଃ ଜିଲ୍ଲାର ମା'ବରୁଣେଇ ଓ କରୁଣେଇ, ଅଟ୍ରି, ଅନନ୍ତପୁରୁଷତମ ଦେବ, ଜରିପୁଟସ୍ଥିତ ମହାବୀର, ଗୋଡ଼ାଲୋକନାଥ, ଧବଳେଶ୍ୱର, ହଟକେଶ୍ୱର, ଭୁଷୁଣ୍ଡପୁରସ୍ଥିତ ଉଗ୍ରତାରା, ବାଣପୁର ମା' ଭଗବତୀ ପ୍ରମୁଖଙ୍କ ପୀଠରେ ଭୋରୁ ଭୋରୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିବା ଦେଖାଯାଇଛି। ବରୁଣେଇ, ଗଡମାଣତ୍ରୀ, ଶାଳିଆ, ରାମେଶ୍ୱର, କୋଶାଳାଶୁଣୀ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ବଣଭୋଜିରେ ଲୋକମାନେ ମଜିଯାଇଥିବା ଦେଖାଯାଇଥିବାବେଳେ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ମଜା ଏଠାକାର ପରିବେଶକୁ ବେଶ୍ ଚଳଚଂଚଳ କରିଥିବା ଦେଖାଯାଇଛି। ବିଭିନ୍ନ ସ୍କୁଲ, କଲେଜର ପୁରାତନ ଏବଂ ବର୍ତ୍ତମାନ ର ଛାତ୍ରଛାତ୍ରୀମାନେ ବନ୍ଧୁମିଳନ କାର୍ଯ୍ୟକ୍ରମ ଜରିଆରେ ଭୋଜିଭାତ, ନୃତ୍ୟ, ସଂଗୀତରେ ହଜିଯାଇଥିବା ବେଳେ ଆଉ କେତକ ସ୍ଥାନରେ ସପରିବାର ଏବଂ ସାଙ୍ଗ ସାଥୀଙ୍କ ସାଙ୍ଗରେ ବଣଭୋଜି ମଜା ହଜାର ହଜାର ଲୋକ ନେଇଥିବା ଦେଖାଯାଇଛି। ଯଦିଓ ନୂଆବର୍ଷର ପ୍ରଥମ ଦିନ ଗୁରୁବାର ପଡିଛି, ତଥାପି ଭୋଜିଭାତ, ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏହାର ଫରକ ଦେଖିବାକୁ ମିଳିନି। ଏହିସ୍ଥାନ ମାନଙ୍କରେ ସ୍ୱଚ୍ଛତା ଓ ସୁସ୍ଥ ପରିମଳ ବଜାୟ ରଖିବାକୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନତା କରାଯାଇଛି।

ଦେବଦେବୀଙ୍କ ପୀଠରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସି ଭୋଜିଭାତର ଆସର ଜମାଇଥିବା ଦେଖାଯାଇଛି। ବିଭିନ୍ନ କ୍ଲବ ଏବଂ ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକରେ ସଦସ୍ୟମାନେ ମଧ୍ୟ ଭୋଜିଭାତ ରେ ମଜିଛନ୍ତି। ଆଉ କେତକ ନୂତନ ବର୍ଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ନିମନ୍ତେ ଶ୍ରୀକ୍ଷେତ୍ର ଅଭିମୁଖେ ସପରିବାର ସହିତ ଚାଲିଯାଇଥିବା ଜଣାଯାଇଛି। ଅତୀତରେ ନିଜ ବନ୍ଧୁ, ସହପାଠୀ ପ୍ରମୁଖଙ୍କ ଅଭିନନ୍ଦନ ଜଣାଇବାରେ ଗ୍ରୀଟିଂସ୍ ଏକ ମାତ୍ର ମାଧ୍ୟମ ହୋଇଥିବା କୁହାଯାଉଥିଲା। ମାତ୍ର ଅତ୍ୟାଧୁନିକ ଯୁଗରେ ଗ୍ରୀଷ୍ଟିସ୍ ଯୁଗର ଅବସାନ ଘଟିଛି। ଯୁବପିଢିଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକମାନେ ଫେସବୁକ୍ ଏବଂ ହ୍ୱାଟ୍ସଆପ୍, ମେସେଞ୍ଜରରେ ଅଭିନନ୍ଦନ ଜଣାଇବା ଏକ ଟ୍ରେଣ୍ଡରେ ପରିଣତ ହୋଇଯାଇଛି।

ଅନ୍ୟପକ୍ଷରେ ନୂତନ ବର୍ଷ ପ୍ରଥମଦିନରେ ଗୁରୁବାର ପଡିଥିବାରୁ ଆମିଷ ଦୋକାନରେ ସେଭଳି ବେପାର ହୋଇନି। ବରଂ ଶୁକ୍ରବାର ମାଛ, ମାଂସ ଦୋକାନ ରେ ଗହଳୀ ହେବା ଆଶା କରିଛନ୍ତି ବ୍ୟବସାୟୀ। ନୂତନ ବର୍ଷର ଅଭିନନ୍ଦନ ଜଣାଇବାକୁ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ପ୍ରଶାସକଙ୍କ ପାଖରେ ମଧ୍ୟ ବେଶ୍ ଭିଡ଼ ପରିଲକ୍ଷିତ ହୋଇଛି। ଅଭିନନ୍ଦନ ଜଣାଇବା ଦୌଡରେ ରାଜନେତା ମଧ୍ୟ ବାଦ୍ ପଡ଼ିନାହାଁନ୍ତି। ସେହିପରି ସହରରେ ଥିବା ମନ୍ଦିର, ଚର୍ଚ୍ଚ, ମସଜିଦ୍ ରେ ଉଭୟ ସମ୍ପ୍ରଦାୟର ଲୋକେ ନୂଆବର୍ଷ ଶୁଭେଚ୍ଛା ଜଣାଇଥିବାର ସାମାନ୍ୟ ଅବହେଳା କରିନଥିବା ଦେଖାଯାଇଛି।

# ଉଗ୍ରତାରା ମନ୍ଦିର ଲୋକାରଣ୍ୟ



ଟାଙ୍ଗୀ/ଭୂଷଣ୍ଡପୁର,୧।୧(ସମିସ): ଟାଙ୍ଗୀ ବ୍ଲକ ସାନରାଉତପଡା ପଞ୍ଚାୟତ ମୁଳିଝରର ଗଡ଼ ସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ଆଜି ନୂଆ ବର୍ଷ ଉପଲକ୍ଷେ ନାହିଁ ନ ଥିବା ଭିଡ଼ ଦେଖାଦେଇଛି। ଭୋର ୪ଟାରୁ ମା'ଙ୍କର ମାଜଣା ଓ ମଙ୍ଗଳ ଆଳତି ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଆଜିର ଲୋକାରଣ୍ୟ ସାଧାରଣତଃ ନିକଟବର୍ତ୍ତୀ ଗଞ୍ଜାମ ପୁରୀ, ନୟାଗଡ଼ ଏବଂ କଟକ ଜିଲ୍ଲାରୁ ଆସିଥିବା ଭକ୍ତ ମାନଙ୍କୁ ନେଇ ଦେଖାଦେଇଛି। ଅଧିକାଂଶ ଦର୍ଶକ ଏଠାରେ ନିଜ ହାତରେ ରୋଷେଇ କରି ଖାଇବାର ମଜା ନେଇଥିବାବେଳେ ଆଜି ଗୁରୁବାର ପଡ଼ିଥିବା ହେତୁ ରୋଷେଇ ଗହଳି ଟିକେ କମିଯାଇଛି। ମା'ଙ୍କ ପୀଠରେ ଅନୁଷ୍ଠିତ ନୂଆ ବର୍ଷ ଜନସମାଗମର ନିରାପତ୍ତା ଦାୟିତ୍ୱରେ ସ୍ଥାନୀୟ ଫାଣ୍ଡି ଅଧିକାରୀ ଓ କର୍ମଚାରୀ ରହିଥିଲେ।

# ଚିଲିକା ଭ୍ରମଣରେ ଲକ୍ଷାଧିକ ପର୍ଯ୍ୟଟକ

ବାଲୁଗାଁ, ୧।୧(ସମିସ); ରାଜ୍ୟରେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ପୁରୁଣା ବର୍ଷକୁ ବିଦାୟଦେବା, ନୂଆବର୍ଷକୁ ସ୍ୱାଗତ କରିବା ସହ ଜୀବନକୁ ସରସ, ସୁନ୍ଦର ମଉଜ ମଜଲିସ୍ କରିବା ପାଇଁ ଚିଲିକା ଓ ତା'ର ଆଖପାଖ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକକୁ ନୂତନ ବର୍ଷରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଆଗମନ ଓ ବଣଭୋଜିର ଆସର ଯୋଗୁଁ ପର୍ଯ୍ୟଟନସ୍ଥଳ ଗୁଡ଼ିକ ସହ ଚିଲିକା ଚଳଚଞ୍ଚଳ ହୋଇ ପଡିଛି। ଏହି ପରିପ୍ରେକ୍ଷୀରେ ବର୍ଷ ଶେଷ ଓ ନୂତନ ବର୍ଷ ପ୍ରାରମ୍ଭ ତଥା ବୁଧବାର ଓ ଗୁରୁବାର ଚିଲିକା ଭ୍ରମଣରେ ପ୍ରାୟ ଲକ୍ଷାଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ପ୍ରବଳ ଜନସମାଗମକୁ ସୁରକ୍ଷା ଦେବା କ୍ଷେତ୍ରରେ ପୁଲିସ ମୁତୟନ କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ପର୍ଯ୍ୟଟକମାନେ ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପରିଭ୍ରମଣ କରି ବଣଭୋଜି କରି ମଜା ନେଇ ଫେରିଥିବା ଦେଖିଠବାକୁ ମିଳିଥିଲା।

ବର୍ଷର ଶେଷ ଦିବସ ବୁଧବାର ସକାଳୁ ନୂତନ ବର୍ଷର ପ୍ରଥମ ଦିବସ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଲକ୍ଷାଧିକ ପର୍ଯ୍ୟଟକମାନଙ୍କ ବାଲୁଗାଁ ଚିଲିକା କୂଳ ସହ ପର୍ଯ୍ୟଟନସ୍ଥଳ ବଡ଼କୁଳ ପାନ୍ଥନିବାସ, ବାଲୁଗାଁ ଓ ମା' ନାରାୟଣୀ ପୀଠ, ଶାଳିଆଡ୍ୟାମ, ଧୂଆଁନଳୀ ଜଙ୍ଗଲ ମଧ୍ୟରେ ଅବସ୍ଥିତ ବିରଜାଇ, ମାଳତାରେଣୀ ଓ ବାଣପୁରର ମା ଭଗବତୀଙ୍କ ପୀଠରେ ସକାଳୁ ଭିଡ଼ ଆରମ୍ଭ ହୋଇଥିଲା। ବଡ଼କୁଳ ପାନ୍ଥନିବାସ ଓ ବାଲୁଗାଁ ଠାରୁ ପର୍ଯ୍ୟଟକମାନେ ଚିଲିକା ମଧ୍ୟରେ ଥିବା ମା' କାଳିଜାଇ ଓ ପକ୍ଷୀ ଅଭୟାରଣ୍ୟ ନଳବଣ ପରିଦର୍ଶନ କରି ଫେରୁଥିବା ବେଳେ ବଡ଼କୁଳ ପାନ୍ଥନିବାସ ଠାରେ ଦିନ ତମାମ ବଣଭୋଜିର ଆସର ଜମିବା ଦେଖିବାକୁ ମିଳିଥିଲା ଏବଂ ନାରାୟଣୀ ପୀଠରେ ହଜାର ହଜାର ପର୍ଯ୍ୟଟକ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ବଣଭୋଜିର ଆସର ସାଙ୍ଗକୁ ନାଚଗୀତର ଆସର ଜମାଇଥିବା ଦେଖାଯାଇଛି। ଏଥିସହ ବାଣପୁରର ପର୍ଯ୍ୟଟନସ୍ଥଳ ଶାଳିଆ ଡ୍ୟାମ୍‌ସ୍ଥିତ ମା' ଡ଼ୋମଣୀ ପୀଠ,



ଘନଜଙ୍ଗଲ ମଧ୍ୟରେ ଥିବା ମା ବିରଜାଇ ପୀଠ, ଅରାଙ୍ଗଠାରେ ଥିବା ମା ତାରିଣୀ ପୀଠ, ଜୀବନଦେଇପୁର ସ୍ଥିତ ମା' ମଙ୍ଗଳା ପୀଠ, ମା ସିଦ୍ଧାମ୍ବରୀ ପୀଠ, ନିମେଇଁମଲ୍ଲ ସ୍ଥିତ ମା ଚଣ୍ଡୀ ପୀଠ, ନୂଆଗଡ଼ ସ୍ଥିତ ବ୍ରାହ୍ମଣୀ ଦେବୀ ପୀଠ ଏବଂ ଦଣ୍ଡିଗାଡ଼ିଆ ସ୍ଥିତ ମା ତାରିଣୀ ପୀଠରେ ଦିନ ତମାମ ପର୍ଯ୍ୟଟକମାନଙ୍କର ବଣଭୋଜିର ଆସର ଦେଖିବାକୁ ମିଳିଥିଲା। ପର୍ଯ୍ୟଟକମାନେ ବଣଭୋଜିର ଆୟୋଜନ କରିବା ସହ ନାଚ ଗୀତରେ ଭରପୁର ମଜା ନେଇଥିଲେ। ଏଥିସହ ନୂତନ ବର୍ଷର ପ୍ରଥମ ଦିନ ଗୁରୁବାର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଦିନ ତମାମ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏଥିସହ ପ୍ରତକ୍ଷ୍ୟ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।

● ଓଡ଼ିଆ ସାହିତ୍ୟକୁ ପଣ୍ଡିତ ନାରାୟଣଙ୍କ ଅବଦାନ ଶୀର୍ଷକ ସମ୍ମାନ

# କବି ମଣୀନ୍ଦ୍ରକୁମାର ମେହେରଙ୍କୁ କବିଗୌରବ ପଣ୍ଡିତ ନାରାୟଣ ସ୍ମୃତି ସମ୍ମାନ

ଖୋର୍ଦ୍ଧା,୧।୧(ସମିସ): ସ୍ଥାନୀୟ ଗୀତାଭବନ ପରିସରରେ ଓଡ଼ିଆ ସାହିତ୍ୟ ଏକାଡେମୀ ଓ ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ତମ ଜୟନ୍ତୀ ପରିପ୍ରେକ୍ଷୀରେ 'ଓଡ଼ିଆ ସାହିତ୍ୟକୁ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଅବଦାନ' ଶୀର୍ଷକ ସମ୍ମାନ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜବାହାରଲାଲ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଅତିଥି ରୂପେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ଖ୍ୟାତନାମା କବି, ଲେଖକ ପ୍ରଫେସର ମଣୀନ୍ଦ୍ରକୁମାର ମେହେର ଯୋଗଦେଇ ମହାପୁରୁଷଙ୍କ ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଭବିଷ୍ୟତର ଉତର ପୀଢ଼ିଙ୍କୁ ଅବଗତ କରିବାକୁ ହେଲେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ପ୍ରଫେସର ମେହେର ପଣ୍ଡିତ ମିଶ୍ରଙ୍କ ଦ୍ୱାରା ଲିଖିତ 'ଚିଲିକା ଦର୍ଶନ', 'ପୁଣ୍ୟଶ୍ଳୋକ', 'ଭୋଟରଭାବନା' ଓ 'ଦଶଦିଗ' ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ବରେଣ୍ୟ ଅତିଥି ରୂପେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ ରାଧାନାଥ ଓ ଗୋପବନ୍ଧୁ 'ଚିଲିକା' ସମ୍ପର୍କରେ ଲେଖିଥିବାବେଳେ ପଣ୍ଡିତ ନାରାୟଣ ସେଥିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା ଡ. ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ ପଣ୍ଡିତ ମିଶ୍ରଙ୍କ କାବ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବୃନ୍ଦାବନ ପଣ୍ଡା, ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ଥିଲେ।



ଏହି ପରିପ୍ରେକ୍ଷୀରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଆମରିସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦଚନ୍ଦ୍ର ଦାଶ, ଆଇନଜୀବୀ ନୃସିଂହନାଥ ମିଶ୍ର, ରାଜୀବଲୋଚନ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଡ. ଚପଳା ପଣ୍ଡା, ଶକ୍ତିଶଙ୍କର ମିଶ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପଣ୍ଡିତ ମିଶ୍ରଙ୍କ ପୁତ୍ରବଧୂ ମନୋରମା ନନ୍ଦ (ମିଶ୍ର) ଉପସ୍ଥିତ ଥିଲେ। ମା' ମଙ୍ଗଳା ଆଦିବାସୀ ମହିଳା ସମିତିର ସମ୍ପାଦିକା ସୁକାନ୍ତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ: ମେଣ୍ଢାଶାଳ ଚାମ୍ପିଅନ



ବେଗୁନିଆ,୧।୧(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମର ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ଦଶଦିନ ଧରି ଚାଲିଥିବା ଷଷ୍ଠ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ଭାଲିଆବାଡି ଇଗଲ ସ୍ପୋର୍ଟିଂ ବନାମ ମେଣ୍ଢାଶାଳ ସ୍ପୋର୍ଟସ ଆସୋସିଏସନ୍ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମେ ମେଣ୍ଢାଶାଳ ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ୱିକେଟ୍ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୯୮ ରନ୍ କରି ପରାଜୟ ବରଣ କରିଥିଲା। ଫାଇନାଲ ମ୍ୟାଚରେ ଅତିଥି ରୂପେ ବିଧାୟକ ପ୍ରଦୀପ କୁମାର ସାହୁ, ଆଇନଜୀବୀ ନିର୍ଭୟ ସାମନ୍ତରାୟ, ରମାମଣୀ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ମୁଖ୍ୟ ଡ. ସୌମ୍ୟା ଷଡ଼ଙ୍ଗୀ, ଶିକ୍ଷାବିତ୍ ବୀରବର ସଂଗ୍ରାମ ସିଂହ ଓ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ ସଭାରେ ଅନୁଷ୍ଠାନର ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତା ଓ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ଼ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ସମବାୟବିତ୍ କୀର୍ତ୍ତନ ବିହାରୀ ସାହୁ ଓ ଶିଳ୍ପପତି ସୋମ ନାରାୟଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ମେଣ୍ଢାଶାଳ ଦଳକୁ ପଦ୍ମଚରଣ ପାଣିଗ୍ରାହୀ ସ୍ମାରକୀ ଟ୍ରଫି ସହ ୩୫ ହଜାର ନଗଦ ଅର୍ଥ ରାଶି ଏବଂ ଉପ ବିଜେତା ଦଳକୁ ବିଶ୍ୱନାଥ ବାହିନିପତି ସ୍ମାରକୀ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ଶୃଙ୍ଖଳିତ ଦଳ ଭାବେ ମେଣ୍ଢାଶାଳ ଦଳକୁ ବୈକୁଣ୍ଠ ନାଥ ପଣ୍ଡା ସ୍ମାରକୀ ଫେୟାର ପ୍ଲେ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଆଇଏସ ଗିରିଙ୍କୁ ଲଡୁକେଶ୍ୱର ମିଶ୍ର ସ୍ମାରକୀ ଟ୍ରଫି, ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେକ ସାହୁଙ୍କୁ ନିଶାମଣି ମିଶ୍ର ସ୍ମାରକୀ ଟ୍ରଫି, ଶ୍ରେଷ୍ଠ ବ୍ୟାଟର ଶେଖର ସ୍ୱାଇଁଙ୍କୁ ବ୍ରଜବନ୍ଧୁ ଦାଶ ସ୍ମାରକୀ ଟ୍ରଫି, ଶ୍ରେଷ୍ଠ ବୋଲର ଭାବେ ମନୋଜ ବେହେରାଙ୍କୁ ରାମଚନ୍ଦ୍ର ଦୀକ୍ଷିତ ସ୍ମାରକୀ ଟ୍ରଫି ଓ ଶ୍ରେଷ୍ଠ ଫିଲ୍ଡର ରୂପେ ଅଜିତ୍ ଦାସଙ୍କୁ ମଙ୍ଗରାଜ ପଣ୍ଡା ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ରମାକାନ୍ତ ପାତ୍ର ଓ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିବାବେଳେ ସିଦ୍ଧେଶ୍ୱର ବେହେରା, ସଞ୍ଜୟ ପାଣିଗ୍ରାହୀ ସ୍କୋରର ଦାୟିତ୍ୱ, ଚିନ୍ମୟ ପଣ୍ଡା, ଶରତ ପାଇକରାୟ ଓ ମିହିର ରଞ୍ଜନ ମହାପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ପ୍ରଦୂଷଣ ପ୍ରମାଣପତ୍ର ପାଇବାକୁ ଦହଗଞ୍ଜ

## ବାଲୁଗାଁ, ବାଣପୁର ଓ ନାଚୁଣୀ ପାଇଁ ଗୋଟିଏ ଯାଞ୍ଚ କେନ୍ଦ୍ର

## ପଲ୍ୟୁସନ ଯାଞ୍ଚ ପାଇଁ ୭୦, ପ୍ରମାଣପତ୍ର ପ୍ରିଣ୍ଟ କାଢ଼ିବାକୁ ୫୦

ବାଲୁଗାଁ,୧।୧(ସମିସ)



ବାୟୁମଣ୍ଡଳକୁ ପ୍ରଦୁଷଣ ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ତରଫରୁ ସମସ୍ତ ଯାନବାହନର ପ୍ରଦୂଷଣ ଯାଞ୍ଚ କରି ପଲ୍ୟୁସନ ପ୍ରମାଣପତ୍ର ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ପ୍ରଥମେ ଡିସେମ୍ବର ଶେଷ ସୁଦ୍ଧା ଓ ପରେ ୨୦୨୬ ଜାନୁଆରୀ ଶେଷ ଏବଂ ଏବେ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଗାଡିର ପଲ୍ୟୁସନ ପ୍ରମାଣପତ୍ର ହାସଲ କରିବାକୁ ନିତ୍ୟାନ୍ତ ଆବଶ୍ୟକ ହୋଇପଡିଛି। ନଚେତ ମାର୍ଚ୍ଚ ମାସ ପରେ ମୋଟା ଅଙ୍କର ଫାଇନ୍ ଆଦାୟ ଲାଗି ପରିବହନ ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଛି।

ପରିବହନ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ, ବାଣପୁର ଓ ନାଚୁଣୀ ଆଦି ଅଞ୍ଚଳ ପାଇଁ ବାଲୁଗାଁ ବଜାରରେ ଗୋଟିଏ ମାତ୍ର ପଲ୍ୟୁସନ ଯାଞ୍ଚ କେନ୍ଦ୍ର ଖୋଲାଯାଇଛି। ଉକ୍ତ କେନ୍ଦ୍ର ପଲ୍ୟୁସନ ଯାଞ୍ଚ ଲାଗି ୭୦ଟଙ୍କା ନେଉଥିବା ବେଳେ ପ୍ରମାଣପତ୍ର ପ୍ରିଣ୍ଟ କାଢିବା ପାଇଁ ୫୦ଟଙ୍କା ନେଉଥିବା ଜଣାଯାଇଛି। ଏପରିସ୍ଥଳେ ବାଲୁଗାଁ, ବାଣପୁର ଓ ନାଚୁଣୀ ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ପ୍ରାୟ ଲକ୍ଷାଧିକ ଯାନବାହାନ ଥିବା ବେଳେ ସମସ୍ତ ଗାଡିର ପଲ୍ୟୁସନ ପ୍ରମାଣ ପତ୍ର ପ୍ରଦାନ ଲାଗି ବାଲୁଗାଁରେ ଗୋଟିଏ ମାତ୍ର ଯାଞ୍ଚ କେନ୍ଦ୍ର ଖୋଲିବା କେତେ ଯୁକ୍ତିଯୁକ୍ତ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଏପରିସ୍ଥଳେ ଗାଡିର ପ୍ରଦୂଷଣ ପ୍ରମାଣପତ୍ର ହାସଲ ପାଇଁ ବାଲୁଗାଁ ବାଣପୁର ନାଚୁଣୀ ଓ ଆଖପାଖ ଅଞ୍ଚଳର ଗାଡି ମାଲିକ ମାନେ ଫାଇନ ଡରରେ ସମସ୍ତ ଦୁଇ ଚକିଆ ଯାନବାହାନ ଠାରୁ ଆରମ୍ଭ କରି ଚାରି ଚକିଆ ଆଦି ବଡ ବଡ ଗାଡି ନେଇ ମାଲିକ ମାନେ ପଲ୍ୟୁସନ ଯାଞ୍ଚ କେନ୍ଦ୍ରକୁ ଦୌଡି ବହୁ ହଇରାଣ ହରକତ ହେଉଛନ୍ତି। ବାଲୁଗାଁସ୍ଥିତ ପଲ୍ୟୁସନ ଯାଞ୍ଚ କେନ୍ଦ୍ର ସମ୍ମୁଖ ରାସ୍ତା ଉପରେ ସକାଳୁ ରାତ୍ର ଯାଏଁ ପ୍ରବଳ ଭିଡ ଜମୁଥିବା ବେଳେ ଲୋକେ ସକାଳୁ ଆସି ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ଛିଡା ହୋଇ କେହି ଗାଡିର ପଲ୍ୟୁସନ ପ୍ରମାଣପତ୍ର ହାସଲ କରୁଥିବା ବେଳେ ଆଉ କେହି ବହୁ ଅପେକ୍ଷା ପରେ ବିରକ୍ତ ହୋଇ ଖାଲି ହାତରେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ପଲ୍ୟୁସନ ପ୍ରମାଣପତ୍ର ପ୍ରଦାନ ପାଇଁ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ସେଭଳି ଅବଶ୍ୟକୀୟ ସୁବିଧା ସୁଯୋଗ ଉପଲବ୍ଧ କରାଯାଇ ନଥିବା ବେଳେ ବିଜ୍ଞପ୍ତି ପ୍ରକାଶ କରି ସରକାର ଚୁପ ବସିଯାଇଥିବାରୁ ଗୋଟିଏ ପଲ୍ୟୁସନ ଯାଞ୍ଚ କେନ୍ଦ୍ରରେ ପ୍ରବଳ ଭିଡ ଜମୁଥିବାରୁ ଅଞ୍ଚଳର ଜନସାଧାରଣ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ତେବେ ଲୋକଙ୍କ ଭିଡ ଲାଗି ଯାଞ୍ଚ କେନ୍ଦ୍ରରେ ସେଭଳି କୌଣସି ସୁବନ୍ଦୋବସ୍ତ କରାଯାଇ ନଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷେ ଯାହାଦ୍ୱାରା ପରିବେଶ ପ୍ରଦୁଷଣ ହେଉଛି, ସେଥିପ୍ରତି ପଦକ୍ଷେପ ଗ୍ରହଣ ନ କରି ସରକାର ପର୍ଯ୍ୟାପ୍ତ ସୁବିଧା ସୁଯୋଗ ନ ଯୋଗାଇ ତରବରିଆ ଭାବେ ଜନସାଧାରଣଙ୍କ ଉପରେ ଦାଉ ସାଜି ଏଭଳି ପଲ୍ୟୁସନ ପ୍ରମାଣପତ୍ର ନାମରେ ହରିଲୁଟକୁ ବୁଦ୍ଧିଜୀବୀ ସମାଲୋଚନା କରୁଥିବାବେଳେ ସରକାରଙ୍କ ଏପରି କାର୍ଯ୍ୟକଳାପକୁ ବଟି ଆଦାୟ କରାଯାଉଛି ବୋଲି ଜନସାଧାରଣ ମତବ୍ୟକ୍ତ କରିଛନ୍ତି। ଲୋକଙ୍କ ସରକାର କହିବୁଲୁଥିବା ବିଜେପି ସରକାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହା ଉପରେ ପୁନଃ ବିଚାର କରିବାକୁ ସାଧାରଣରେ ଦୃଢ ଦାବି ହେଉଛି।

# ଟ୍ରକ୍‌ରୁ ଲୁଟ୍ ଉଦ୍ୟମ; ଦୁଇ ଅଟକ

ନିରାକାରପୁର,୧।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଗୋଳବାଇ ଛକ ନିକଟ ୧୬ ନଂ ଜାତୀୟ ରାଜପଥ ଅନ୍ନପୂର୍ଣ୍ଣା ଫିଲିଙ୍ଗ ଷ୍ଟେସନ ନିକଟରେ ଗୁରୁବାର ରାତି ୯ ଟା ବେଳେ ଦୁଇ ଜଣ ଯୁବକ ବିଭିନ୍ନ ଟ୍ରକକୁ ଅଟକାଇ କାଗଜପତ୍ର ଯାଞ୍ଚ ବାହାନାରେ ଅର୍ଥ ଲୁଟି ବାକୁ ଚେଷ୍ଟା କରୁଥିଲେ। ପରେ ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ କାବୁ କରି ନେଇଥିଲେ। ସେଥିରୁ ଜଣେ ଯୁବକର ଘର ଝାଡ଼ଖଣ୍ଡ ଜଣା ପଡିଥିବାବେଳେ ଆଉ ଜଣେ ନୟାଗଡ ଜିଲ୍ଲାର ବୋଲି ଜଣାପଡିଛି।

